# କାହିଁ ଗଲେ

କାହିଁ ଗଲେ ବରଜ ରଙ୍କା
ଗୋପ ନନ୍ଦ ବଳା ମୁରଲୀ ଫୁଙ୍କା
ରାଧା ମନ ଚୋର ରସିକ ନାଗର
ବ୍ରଜ ଚନ୍ଦ୍ରମୌଳି କାମିନୀ ରଙ୍କା
କାହିଁ ଗଲେ ବରଜ ରଙ୍କା

କେତେବେଳେ ଯମୁନା ଜଳେ
କେତେବେଳେ କଦମ୍ବ ମୂଳେ
ରାଇ ବିନୋଦିନୀ ମନଚୋର କାହ୍ନୁ
ଛଳ କପଟିଆ ମଦନ ରଙ୍କା
କାହିଁ ଗଲେ ବରଜ ରଙ୍କା

ନିତି ବନେ ବାଇ ମୁରଲୀ
ରାଧା ରାଧା ରଟଇ ଖାଲି
ଗୋବର୍ଦ୍ଧନ ଗିରି ଟେକା ନନ୍ଦବଳା
ସବୁରି ମନରେ ଦିଅଇ ଶଙ୍କା ।
କାହିଁ ଗଲେ ବରଜ ରଙ୍କା

ନବଘନ ନୀଳ ବରନ
କୁଞ୍ଜବନ ଶୋଭା ସୁମନ
ନଟବର କାହ୍ନୁ ଚରଣ ପଙ୍କଜ
ଦରଶନେ କବି ପାରଇ ଡକା
କାହିଁ ଗଲେ ବରଜ ରଙ୍କା ■ ■ ■

